# ଆଜିଠୁ ବିଶ୍ୱପ୍ରସିଦ୍ଧ ମାଘମେଳା

■ସନ୍ଧ୍ୟା ୫ଟା ୨୦ରେ ଜଳିବ ଝାଡ଼ଦୀପ

■ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ

ଢେଙ୍କାନାଳ,୧୦।୨(ରତନ ନାୟାର)

ମହିମାଧର୍ମର ବିଶ୍ୱ ପ୍ରସିଦ୍ଧ ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ମଙ୍ଗଳବାର ଠାରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିପାଇଁ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ମହିମାଗାଦି ଯୋରନ୍ଦା ଚଳଚଞ୍ଚଳ ହୋଇଉଠିଛି। ସନ୍ଧ୍ୟା ୫ଟା ୨୦ରେ ବିଶ୍ୱ କଲ୍ୟାଣ ପାଇଁ ଘୃତାହୁତି କରାଯାଇ ଗାଦି ମନ୍ଦିରରେ ମହିମା ସନ୍ନ୍ୟାସୀମାନେ ଝାଡ଼ଦୀପ ପ୍ରଜ୍ୱଳନ କରି ବିଶ୍ୱ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବେ। ଚଳିତବର୍ଷ ଆଇନ ଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ମାଘ ମେଳା ପାଇଁ ମଙ୍ଗଳବାର ଭୋର ସମୟରୁ ମହିମା ସନ୍ନ୍ୟାସୀମାନେ ସମସ୍ତ ନୀତିକାନ୍ତି ଆରମ୍ଭ କରିବେ। ଚଳିତବର୍ଷ ଓଡ଼ିଶା ସମେତ ଆନ୍ଧ୍ର, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଓ ଆସାମ ଆଦି ରାଜ୍ୟରୁ ବହୁ ସଂଖ୍ୟାରେ ସାଧୁସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ଆଗମନ



ମାଘମେଳା ଆରମ୍ଭ ପୂର୍ବରୁ ଯୋରନ୍ଦାରେ ଜମିଲାଣି ଭିଡ଼।

ହେଲାଣି। ସେହିପରି ଚଳିତବର୍ଷ ପ୍ରଥମ କରି ଜିଲା ପ୍ରଶାସନ ପକ୍ଷରୁ ମାଘ ମେଳା ଉପଲକ୍ଷେ ମହିମାଗାଦି ଯୋରନ୍ଦାରେ ଉପଖଣ୍ଡସ୍ତରୀୟ ୫୦ଟି ଷ୍ଟଲକୁ ନେଇ ଏକ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେଉଛି। ସେହିପରି ବିଭିନ୍ନ କିସମର ଦୋକି ପଡିଥିବା ବେଳେ ଉଠା ଦୋକାନୀମାନେ ବ୍ୟବସାୟ ପାଇଁ ପସରା ମେଲାଇଛନ୍ତି। ମନୋରଞ୍ଜନ ପାଇଁ ଅପେରା ପାର୍ଟିପଡିଛି। ଗାଦି ମନ୍ଦିର ଭିତରେ ଧାଡ଼ିରେ ପ୍ରବେଶ ପାଇଁ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ମେଳାକୁ ଶାନ୍ତିଶୃଙ୍ଖଳର ସହ ପରିଚାଳନା କରିବା ପାଇଁ ସାଧୁସନ୍ଥଙ୍କ ଉପସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ୨ଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଛି। ସେହିପରି ମେଳା ସମୟରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ନଜରରେ ରଖି ପାନୀୟଜଳ, ଆଲୋକୀକରଣ, ଆଶୁ ଚିକିତ୍ସା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ସହ ଯାତ୍ରୀଙ୍କ ଠାରୁ ଅଧିକ ଗାଡ଼ି ଭଡ଼ା ଆଦାୟ ନ କରିବା ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ଅଭିନବ ସୋନକରଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୫୯ ଏସ୍‌ଆଇ ଓ ଏଏସ୍‌ଆଇ, ୯ ହାବିଲଦାର, ୫୨ ଓଆର୍ କନଷ୍ଟେବଲ, ୨୦ ମହିଳା କନଷ୍ଟେବଲ, ୭ ଟ୍ରାଫିକ କନଷ୍ଟେବଲ, ୧୧୧ ହୋମଗାର୍ଡ, ୯ ମହିଳା ହୋମଗାର୍ଡଙ୍କ ସମେତ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

# ଅନନ୍ତ ଆଶ୍ରମର ୬୮ତମ ବାର୍ଷିକ ଯଜ୍ଞ




ଅନନ୍ତ ଆଶ୍ରମର ୬୮ତମ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହେଉଛି।

ଢେଙ୍କାନାଳ,୧୦।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ମୁଖ୍ୟ ଆଶ୍ରମଠାରେ ଶ୍ରୀଗୁରୁ ଅନନ୍ତ ଆଶ୍ରମ ଜାତୀୟ ସର୍ବୋଦୟ ସମିତିର ୬୮ତମ ବାର୍ଷିକ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶାର ଶାଖା ଆଶ୍ରମ ଗୁଡିକରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଅବସରରେ ଅପରାହ୍ନ ୪ଟାରେ ଗ୍ରାମରେ ଦେବାଶିଷ ହୋତାଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଣିଷ, ପଶୁପକ୍ଷୀ, କୀଟପତଙ୍ଗ ସମସ୍ତ ଶରୀରରେ ବନ୍ଦୀଥିବା ଜୀବକୁ ୮୪ଲକ୍ଷ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ କରିବା ପାଇଁ ଭଗବାନଙ୍କ ତତ୍ତ୍ୱଜ୍ଞାନ ବିଷୟରେ ଜାଣି, ସେହି ଅନୁସାରେ ବଞ୍ଚିବାକୁ ପଡିବ ବୋଲି ଦେବାଶିଷ ପ୍ରକାଶ କରିଥିଲେ। ଗଣେଶ ମିଶ୍ର ଓ ଜାତପଦ୍ମା ହାତୋ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ପଞ୍ଚରଙ୍ଗୀ ପତାକା ଉତ୍ତୋଳନ ପରେ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା ଭାବେ ଶିବ ପ୍ରସାଦ ଶତପଥୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଜଳଧର ରାଉତ, ସଞ୍ଜୟ ଶତପଥୀ, ଚକ୍ରଧର ଷଣ୍ଢ ଓ ଦଣ୍ଡଧର ଦେହୁରୀ ସହଯୋଗ କରିଥିଲେ। ଏହାପରେ ରାଜ୍ୟ ସଭାପତି ମହେଶ୍ୱର ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଯୋଜକ ନବକିଶୋର ବେହେରା, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଉମାକାନ୍ତ ପଲେଇ, ଉପସଭାପତି ସୁରେଶଚନ୍ଦ୍ର ସାହୁ, ପୂର୍ବତନ ରାଜ୍ୟ ସଭାପତି ରାମଚନ୍ଦ୍ର ମହାରଣା, ରାଜ୍ୟ ସମ୍ପାଦକ କାଳନ୍ଦୀ ଚରଣ ବେହେରା, କୋଷାଧ୍ୟକ୍ଷ ପ୍ରେମାନନ୍ଦ ନାୟକ, ମୁଖ୍ୟ ଗାଦି ପରିଚାଳକ ଭୀମସେନ ବେହେରା, ରାଜ୍ୟ କୋର୍ କମିଟି ସଦସ୍ୟ ରଞ୍ଜନ କୁମାର ଲେଙ୍କା ଓ ଗୌରାଙ୍ଗ ବେହେରା ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସର୍ବୋଦୟ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ଯୁଗନେତା ସତ୍ୟବାଦୀ ଶତପଥୀ ରାଜ୍ୟସାରା ୨୨୦ ଶାଖା ଆଶ୍ରମ ପ୍ରତିଷ୍ଠା କରି ୭୫ହଜାର ଛାତ୍ର ତିଆରି କରିଥିବା ଆଶ୍ରମ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଢେଙ୍କାନାଳ ବ୍ୟାଡ୍‌ମିଣ୍ଟନ ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

ଢେଙ୍କାନାଳ,୧୦।୨(ରତନ ନାୟାର)

ପ୍ରଥମ ଢେଙ୍କାନାଳ ବ୍ୟାଡମିଣ୍ଟନ ପ୍ରିମିଅର ଲିଗ ରବିବାର ଉଦ୍‌ଯାପିତ ହୋଇହୋଇଛି। ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଗ୍ରୁପ-ଏ ଏବଂ ଗ୍ରୁପ-ବି ରୁ ଦୁଇଟି ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିଲା। ଶେଷରେ ୫ ଗୋଟି ମ୍ୟାଚରୁ ୩ -୨ରେ ବ୍ରାଇଡ୍ ବ୍ଲେଜର ଚାମ୍ପିୟନ ହୋଇଥିଲା। ଏସ୍‌କେ ରାଇଡର୍ସ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଟାଉନ ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ମଧୁସ୍ମିତା ନାଥଶର୍ମା ଏବଂ ଡ. ମାତୃପ୍ରସାଦ ମହାପାତ୍ର ଯୋଗଦେଇ ଚାମ୍ପିୟନ ଟିମ ବ୍ରାଇଡ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଆସନ୍ତା ବର୍ଷଠାରୁ ରାଜ୍ୟସ୍ତରୀୟ କରିବା ନିମନ୍ତେ ସମସ୍ତେ ସଂକଳ୍ପ ନେଇଥିଲେ।




ଅତିଥିଙ୍କ ସହ ଖେଳାଳିମାନେ।

# ମଦ ଦୋକାନ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ,୧୦।୨(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ପଞ୍ଚାୟତର ଅଧିବାସୀ ମଦ ଦୋକାନ ବନ୍ଦ ପାଇଁ ସୋମବାର ଧୀରପାଟଣାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ୧୦ଟି ଗ୍ରାମ ଓ ପଡ଼ୋଶୀ ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବାଲୁଙ୍କେଶ୍ୱର ଦେବ ମଣ୍ଡପ ପ୍ରାଙ୍ଗଣରେ ଏହି ବୈଠକ କରାଯାଇ ପଞ୍ଚାୟତର ଉନ୍ନତୀ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କୃଷି ଓ ସାମାଜିକ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ସାମାଜିକ କର୍ମୀ ଓ ୮୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ। ବାଲିବୋ ପଞ୍ଚାୟତ ଅଧୀନ କାନଖାଇ ମୌଜାରେ ଏକ ମଦ ଦୋକାନ ଖୋଲିବାକୁ ସରକାରଙ୍କ ତରଫରୁ ଅନୁମତି ମିଳୁଥିବା ବେଳେ ଏହାଦ୍ୱାରା କୌଣସି ଉନ୍ନତି ହୋଇପାରିବ ନାହିଁ ବରଂ ରାହାଜାନି, କଳହ, ହିଂସା, ଅତ୍ୟାଚାର ଓ ବ୍ୟଭିଚାର ପାଇଁ ରାସ୍ତା ପରିଷ୍କାର ହେବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଥିଲେ। ତେଣୁ ସର୍ବସମ୍ମତି କ୍ରମେ ଏହାକୁ ବନ୍ଦ କରିବାକୁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ଅବଗତ କରାଇବା ପାଇଁ ସ୍ଥାନୀୟ ବାଲିବୋ ସରପଞ୍ଚ ଓ ସ୍ଥାନୀୟ ବିଧାୟକଙ୍କୁ ଏକ ଦରଖାସ୍ତ ଦିଆଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହି ଅଭିଯୋଗ ପ୍ରଦାନ ବେଳେ ସ୍ଥାନୀୟ ସରପଞ୍ଚ ଶୁଭସ୍ମିତା ବାରିକଙ୍କ ସମେତ ବାଲିବୋ ଗ୍ରାମବାସୀ ବିନୋଦ କୁମାର ସ୍ୱାଇଁ, ଗୋକୁଳାନନ୍ଦ ବାରିକ, ସନାତନ କର, ଗଣେଶ୍ୱର ସ୍ୱାଇଁ, ରବି ସେଠୀ, କାନଖାଇ ଗ୍ରାମର ଆନନ୍ଦ କୁମାର ସାହୁ, ପବିତ୍ର କୁମାର ସାହୁ, ଦୁର୍ଯ୍ୟୋଧନ ସାହୁ, ବିଶ୍ୱନାଥ ବେହେରା, ମନୋଜ ଦେହୁରୀ, ଟିଟୁନ୍ ସାହୁ, ସରୋଜ କୁମାର ବେହେରାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଭୁବନ ବ୍ଲକ ବାଲିବୋ ପଞ୍ଚାୟତର ଅଧିବାସୀ।

# ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଢେଙ୍କାନାଳ,୧୦।୨(ରତନ ନାୟାର)

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଢେଙ୍କାନାଳ ଜିଲା ଶାଖାର ସାଧାରଣ ବୈଠକ ଜିଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ପ୍ରମୋଦ ରାଉତ ବୈଠକ ପରିଚାଳନା କରିଥିଲେ। ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ଓ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ ବୈଠକକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ କୋଷାଧ୍ୟକ୍ଷ ତ୍ରିନାଥ ସେଠୀ, ପୁରୀ ଜିଲା ସଭାପତି ଜଗନ୍ନାଥ ପାଢ଼ୀ, ବୌଦ୍ଧ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସୋନ୍‌ପୁର ସମ୍ପାଦକ ଜୟଦେବ ପାଢସାହାଣୀ ପ୍ରମୁଖଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ବିଭିନ୍ନ ଜିଲାର ସଭାପତି ଓ ସମ୍ପାଦକ, ରାଜ୍ୟ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ। ଜିଲାର ୮ଟି ବ୍ଲକ୍, ତହସିଲ ତଥା ୨ଟି ସବ୍‌ଡିଭିଜନର ବିଭିନ୍ନ ବିଭାଗର ଶତାଧିକ ୪ର୍ଥ ଶ୍ରେଣୀ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଆଗାମୀ ୨ବର୍ଷ ନିମନ୍ତେ ନିରଞ୍ଜନ ନାୟକଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ସମ୍ପାଦକ ଭାବେ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ଭାବେ ତିଲୋତ୍ତମା ମିଶ୍ର ଏବଂ ୧୧ଜଣଙ୍କୁ ନୂତନ କର୍ମକର୍ତ୍ତା ଭାବେ ଚୟନ କରାଯାଇଥିଲା। ସଭାରେ କର୍ମଚାରୀମାନେ ବିଭିନ୍ନ ପ୍ରକାର ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଅସ୍ଥାୟୀ କର୍ମଚାରୀ, ବ୍ଲକ୍ ଗ୍ରାଣ୍ଟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି ହୋଇଥିଲା। ଅବସର ବୟସ ୬୨ କରିବା ଓ ପୁରୁଣା ପେନ୍‌ସନ୍ ଲାଗୁ କରିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ କୌଣସି କାରଣବଶତଃ ଦେହାନ୍ତ ହେଲେ ପରିବାରର ଜଣକୁ ବିନା କଟକଣାରେ ସରକାରୀ କାର୍ଯ୍ୟରେ ନିଯୁକ୍ତି ଦେବା ନିମନ୍ତେ ଦାବି ଉପସ୍ଥାପନା ହୋଇଥିଲା।



ଢେଙ୍କାନାଳ ଜିଲା ଶାଖାର ସାଧାରଣ ବୈଠକରେ କର୍ମକର୍ତ୍ତାମାନେ।

# ଢେଙ୍କାନାଳ ଜିଲାରେ ୧୫,୫୫୪ ପରୀକ୍ଷାର୍ଥୀ

## ୨୧ରୁ ମାଟ୍ରିକ୍ ପରୀକ୍ଷା

ଢେଙ୍କାନାଳ,୧୦।୨(ରତନ ନାୟାର)

ଆସନ୍ତା ୨୧ ତାରିଖରୁ ମାର୍ଚ୍ଚ ୬ ତରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଗୋଟିଏ ସିଟିଂ ଓ ଗୋଟିଏ ପ୍ରଶ୍ନପତ୍ରରେ କରାଯିବ। ପରୀକ୍ଷା ସକାଳ ୯ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ସାଢେ ୧୧ଟାରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ପୂର୍ବାହ୍ନ ୧୧ଟା ୪୫ରେ ଶେଷ ହେବ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଢେଙ୍କାନାଳ ଜିଲାରେ ରେଗୁଲାର, ଏକ୍ସ ରେଗୁଲାର, ସିସି କୋର୍ସ ଓ ଏସ୍‌ଓଏସ୍‌ସିରେ ମୋଟ ୧୫,୫୫୪ ପରୀକ୍ଷାର୍ଥୀ ରହିଛନ୍ତି। ୯୪ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ସେଥିରୁ ଜିଲାର ଭୁବନ ବ୍ଲକରେ ୧୧ଟି, ଢେଙ୍କାନାଳରେ ୧୬ଟି, ଗଁଦିଆରେ ୧୨ଟି, ହିନ୍ଦୋଳରେ ୧୨ଟି, କାମାକ୍ଷାନଗରରେ ୧୨ଟି, କଙ୍କଡ଼ାହାଡ଼ରେ ୮ଟି, ଓଡ଼ାପଡ଼ାରେ ୧୩ ଓ ପରଜଙ୍ଗ ବ୍ଲକରେ ୧୦ ପରୀକ୍ଷା କେନ୍ଦ୍ର ରହିଛି। ସେହିପରି ପ୍ରଶ୍ନପତ୍ର ରଖିବା ପାଇଁ ଜିଲାରେ ୧୦ଟି ନୋଡାଲ ସେଣ୍ଟର କରାଯାଇଛି। ପ୍ରଶ୍ନପତ୍ର ପଠାଇବା ପାଇଁ ୮ଟି ବ୍ଲକରୁ ୨୪ଟି ଦଳ ଗଠିତ ହୋଇଛି। ମୋଟ ୧୫,୫୫୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରେଗୁଲାର ୧୫,୪୬୨, ଏକ୍ସ ରେଗୁଲାର ୩୧, ସିସି କୋର୍ସରେ ୨୩, ଏସ୍‌ଓଏସ୍‌ସିରେ ୩୮ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଜିଲାରେ ୫୦ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ରହିଛି। ତନ୍ମଧ୍ୟରେ ଭୁବନରେ ୪, ଢେଙ୍କାନାଳରେ ୯ଟି, ଗଁଦିଆରେ ୭ଟି, ହିନ୍ଦୋଳରେ ୫ଟି, କାମାକ୍ଷାନଗରରେ ୩ଟି, କଙ୍କଡାହାଡରେ ୬ଟି, ଓଡାପଡାରେ ୮ଟି ଓ ପରଜଙ୍ଗରେ ୮ଟି ସମ୍ବେଦନଶୀଳ ଓ ଅପହଞ୍ଚ ଅଞ୍ଚଳରେ ପରୀକ୍ଷା କେନ୍ଦ୍ର ରହିଛି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଲକ୍ଷ୍ମୀଧର ମହନ୍ତ ସୂଚନା ଦେଇଛନ୍ତି।

# ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନକୁ ୧୮ ପଦକ

## ୱାକୋ ଇଣ୍ଡିଆ କିକ୍ ବକ୍ସିଂ ଚାମ୍ପିୟନଶିପ୍

ଢେଙ୍କାନାଳ,୧୦।୨(ରତନ ନାୟାର)

ନୂଆଦିଲ୍ଲୀର କେଡି ଯାଦବ ଇନ୍‌ଡୋର୍ ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଫେବୃଆରୀ ୧ ରୁ ୫ ପର୍ଯ୍ୟନ୍ତ ୪ର୍ଥ ୱାକୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ୭୧ଟି ପଦକ ହାସଲ କରିଥିବା ବେଳେ ସେଥିମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ ଖେଳାଳି ୮ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ କାଂସ୍ୟ ପଦକକୁ ମିଶାଇ ମୋଟ୍ ୧୮ଟି ପଦକ ପାଇଛନ୍ତି। ବାଳକ ବିଭାଗରେ ସୁଶୀଲ କୁମାର ରାଉତ ୫୭ କେଜିରେ ୨ ସ୍ୱର୍ଣ୍ଣ ପଦକ, ଚନ୍ଦନ ସାହୁ ୬୩ କେଜିରେ ୧ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ, ଯୋଗେଶ୍ୱର ସାହୁ ୭୪କେଜିରେ ୧ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ, ସୁଧୀନ୍ଦ୍ର ନାଥ ପଟ୍ଟନାୟକ ୮୪ କେଜିରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ କାଂସ୍ୟ ପଦକ, ବାଳିକା ବିଭାଗରେ ସ୍ମୃତି ଭୋଇ ୫୦ କେଜିରେ ୧ ରୌପ୍ୟ ଓ ୨ କାଂସ୍ୟ ପଦକ, ମାନସୀ ସାହୁ ୫୦ କେଜିରେ ୧ ରୌପ୍ୟ ଓ ୨ କାଂସ୍ୟ, ରୋସନି ବେଗମ୍ ୬୦ କେଜିରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୧ କାଂସ୍ୟ ପଦକ ଏବଂ ଟିମ୍ ପଏଣ୍ଟ ଫାଇଟ୍‌ରେ ସ୍ୱର୍ଣ୍ଣ ଓ ଟିମ୍ ମ୍ୟୁଜିକାଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମିହିର କୁମାର ସାହୁ ଟିମ୍ କୋଚ୍ ଭାବେ ଯୋଗ ଦେଇଥିଲେ। ଆମେଚର କିକ୍ ବକ୍ସିଂ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ ଏବଂ ସମସ୍ତ ସଦସ୍ୟ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ ସଭାପତି ଶଶିକାନ୍ତ ଗଡ଼ନାୟକ, ଉପ ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତ୍ତିରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଧ୍ୟକ୍ଷ ଅରବିନ୍ଦ ବେହେରା ପ୍ରମୁଖ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ୱାକୋ ଇଣ୍ଡିଆ କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ପାଇଥିବା ଖେଳାଳିମାନେ।

# ଚାପମୁକ୍ତ ପରୀକ୍ଷା ପାଇଁ ପରାମର୍ଶ

ପରଜଙ୍ଗ, ୧୦।୨(ନିଗମାନନ୍ଦ ଦଳବେହେରା)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାରମ୍ଭିକ ସ୍ୱାଗତ ସହିତ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଭାରତ ମଣ୍ଡପ ନୂଆଦିଲ୍ଲୀରେ ସୋମବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକଙ୍କ ସହିତ ଆଭାସୀ ମାଧ୍ୟମରେ କଥୋପକଥନ କରିଥିଲେ। କାର୍ଯ୍ୟକ୍ରମର ସିଧା ପ୍ରସାରଣ ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ବହୁ ଉଦ୍ଦେଶ୍ୟ ଭବନରେ ଆୟୋଜିତ ହୋଇଥିଲା। ସମସ୍ତ ପିଲାଙ୍କୁ ଚାପମୁକ୍ତ ବୋର୍ଡପରୀକ୍ଷା, କଠିନ ପ୍ରସ୍ତୁତି ତଥା ଅଧ୍ୟବସାୟ ଦ୍ୱାରା ଅସମ୍ଭବକୁ ସମ୍ଭବ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ମାତା ପିତା ତଥା ଅନ୍ୟ ଶୁଭେଚ୍ଛୁଙ୍କୁ ପିଲାଙ୍କ ଉପରେ ଅତ୍ୟଧିକ ଚାପ ନ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରାୟ ୫୧୦ ଛାତ୍ରୀଛାତ୍ର ଓ ୨୫ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିବାବେଳେ ହିନ୍ଦୀ ଶିକ୍ଷକ ସୀତାରାମ ରାୟ ଓ କମ୍ପ୍ୟୁଟର ଶିକ୍ଷକ ଧର୍ମେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟୋଲଗେଟ୍‌ରେ ନ ଯାଇ ଗଳାବାଟ

■ଗାଡ଼ି ବୀମା ନ ଥିବାରୁ ଜରିମାନା ଭୟ

■ସରକାର ହରାଉଛନ୍ତି ରାଜସ୍ୱ



ପରଜଙ୍ଗ,୧୦।୨(ନିଗମାନନ୍ଦ ଦଳବେହେରା)

ବୀମା ନ ଥିବା ଗାଡ଼ି ଟୋଲଗେଟ୍‌ରେ ଧରାପଡ଼ିବ। ଜରିମାନା ଆଦାୟ ହେବ। ଏହି ନିୟମ ଲାଗୁ ହେବା ପରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ମୁଣ୍ଡେଇଲୋଠାରେ ଥିବା ଟୋଲଗେଟ ଦେଇ ବହୁ ଗାଡ଼ି ଚଳାଚଳ ନ କରି ଗଳାବାଟ ଧରୁଥିବା ଦେଖିବାକୁ ମିଳୁଛି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି।

ସୂଚନା ଅନୁଯାୟୀ, ମୁଣ୍ଡେଇଲୋଠାରେ ଥିବା ଟୋଲଗେଟ ପୂର୍ବରୁ ଓ ପରେ ଜାତୀୟ ରାଜପଥକୁ ଏକ କେନାଲ ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତାର ବାଇପାସ ରହିଛି। ଫଳରେ ବୀମା ନ ଥିବା ଗାଡ଼ିଗୁଡ଼ିକ ଜରିମାନା ଭୟରେ ଟୋଲଗେଟ୍ ଦେଇ ଚଳାଚଳ ନ କରି ଏହି କେନାଲ ରାସ୍ତା ଓ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଯାତାୟାତ କରୁଛି। ଜାତୀୟ ରାଜପଥ ୧୪୯ରୁ ୫୩ ନମ୍ବର ରାଜପଥକୁ ପିତିରୀ ଠାରେ ଏହି ବାଇପାସ୍ ରାସ୍ତା ସଂଯୋଗ କରୁଛି। ପିତିରୀର ୨ କି.ମି. ପୂର୍ବରୁ ରେଙ୍ଗାଲି ବାମ କେନାଲ ରାସ୍ତା ଦେଇ ଟୋଲ୍‌ଗେଟ ଠାରୁ ଅଳ୍ପ ଦୂରରେ ଜାତୀୟ ରାଜପଥକୁ ବାହାରୁ ଥିବା ଲୋକମାନେ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି। ସେହିପରି ସରାଙ୍ଗ ଠାରୁ ଡମୋଳ ଦେଇ ଏହି ବାଇପାସ୍ ରାସ୍ତାରେ ଗାଡ଼ି ଚଳାଚଳ କରୁଥିବା ବେଳେ ଏହି ଗଳାବାଟର ସୁଯୋଗ ନେଉଛନ୍ତି ବୀମା ନ ଥିବା ଗାଡ଼ି। ଏଥିଯୋଗୁ ମୁଣ୍ଡେଇଲୋଠାରେ ଥିବା ଟୋଲଗେଟ ଅଧିକାଂଶ ସମୟ ପାଙ୍ଗା ପଡ଼ୁଥିବା ବେଳେ ସରକାରଙ୍କ ରାଜସ୍ୱ ହ୍ରାସ ପାଉଛି। ଅପରପକ୍ଷରେ କେନାଲ ରାସ୍ତାରେ ଟ୍ରକ୍‌ଗୁଡ଼ିକ ଯାଉଥିବାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। କେନାଲ ରାସ୍ତାରେ କିପରି ଏହି ଟ୍ରକ୍‌ସବୁ ଚଳାଚଳ ନ କରିବ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି। ଏଥିସହ କେନାଲ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକରୁ ଲୁଟ୍‌ପାଟ ହେବା ଆଶଙ୍କା ରହିଛି। ୨ ଦିନ ତଳେ ଏପରି ଲୁଟ୍‌ପାଟ ପାଇଁ ଯୋଜନା ହେଉଥିବା ବେଳେ ଡକାୟତ ଗ୍ୟାଙ୍ଗର ୨ଜଣଙ୍କୁ ପରଜଙ୍ଗ ପୋଲିସ ଗିରଫ କରିଥିଲା।

# ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

## ଚିହ୍ନଟଙ୍କ ମଧ୍ୟରୁ ୯୪ ପ୍ରତିଶତଙ୍କ ସଫଳ ଉପଚାର

ଢେଙ୍କାନାଳ,୧୦।୨(ରତନ ନାୟାର)

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ସୋମବାର ପୂର୍ବାହ୍ନରେ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅନ୍ତର୍ଗତ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ଏବଂ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରସ୍ତରୀୟ ଗୁଣବତ୍ତାମାନଙ୍କ ନିମନ୍ତେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ଏକ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିବା ସହ କହିଲେ, ସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ୫ବର୍ଷ ଆଗରୁ ୨୦୨୫ ସୁଦ୍ଧା ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଓ ପ୍ରଶାସନ ଅଧିକରୁ ଅଧିକ କାର୍ଯ୍ୟକରି ଯକ୍ଷ୍ମା ରୋଗର ସମୂଳେ ନାଶ କରିବେ। ଏହାସହିତ ଏକ ସୁସ୍ଥ ତଥା ନିରାମୟ ସମାଜ ଗଠନ କରିବା ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ରହିଛି। ତେଣୁ ଏସବୁ ଦିଗରେ ମଧ୍ୟ ସରକାର କାର୍ଯ୍ୟ କରୁଛନ୍ତି। ବହୁତ ଶୀଘ୍ର ଏହି ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ୨୦୨୩ ମସିହାରେ କେନ୍ଦ୍ରମନ୍ତ୍ରୀ ଜିଲାର ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ୪ ହଜାର ପୁଷ୍ଟିକର ଖାଦ୍ୟ ପୁଡିଆ ଯୋଗାଇ ଦେଇଥିଲେ।

ମିନି ଷ୍ଟାଡିୟମଠାରେ ଆୟୋଜିତ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ, ପ୍ରଧାନମନ୍ତ୍ରୀ ଏକ ସୁସ୍ଥ ଓ ନିରାମୟ ସମାଜର ପରିକଳ୍ପନା କରିଛନ୍ତି। ଯକ୍ଷ୍ମା ରୋଗକୁ କିଭଳି ସମୂଳେ ନାଶକରି ଯକ୍ଷ୍ମାମୁକ୍ତ ସମାଜ ଗଠନ କରାଯିବ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ କହିଲେ, ଯକ୍ଷ୍ମା ରୋଗର ନିରାକରଣ ପରିବାରସ୍ତରରୁ ହୋଇପାରିବ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଯୋଗଦେଇ ଯକ୍ଷ୍ମାମୁକ୍ତ ପାଇଁ ଜିଲା ସଦର ମହକୁମା ବ୍ୟତୀତ ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗ ଦେଇଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। ୨୦୨୪ରେ ଢେଙ୍କାନାଳ ଜିଲାରେ ମୋଟ ୧୦୭୦ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ବେଳେ ତନ୍ମଧ୍ୟରୁ ୯୪ ପ୍ରତିଶତ ରୋଗୀଙ୍କ ସଫଳ ଉପଚାର କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ପି ଅଭିନବ ସୋନକର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲୀପଚାନ୍ଦ ବେହେରା, ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକ ଜନ ପ୍ରତିନିଧି ଯୋଗ ଦେଇଥିଲେ। ରୋଗର ନିରାକରଣ ପାଇଁ ଟାଟା ଷ୍ଟିଲ, ରୁଙ୍ଗଟା ମାଇନ୍ସ, ଏମ୍‌ଜିଏମ୍, ଜିଏମ୍‌ଆର୍, କଲ୍ୟାଣୀ ଷ୍ଟିଲ, ନଭ, ନର୍ଭେରାମ, ଇଣ୍ଡିଆ ପୋଟାସ ଲିମିଟେଡ୍ କମ୍ପାନୀ ଜିଲାର ଗୋଟିଏ ଲେଖାଏ ବ୍ଲକକୁ ଯକ୍ଷ୍ମା ରୋଗର ନିରାକରଣ ଦିଗରେ ପୋଷ୍ୟଭାବେ ଗ୍ରହଣ କରି କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଉକ୍ତ ଶିଳ୍ପସଂସ୍ଥାଗୁଡ଼ିକୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। ଏଥିସହିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଐରା, ଅକ୍ଷମ କଲ୍ୟାଣ ସମିତି, ଚେତନା, ପ୍ରିୟ, ଶୋଭା, ନିଶାଦ୍ରି, ଶ୍ରୀୟା ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତି ବ୍ଲକର ୫୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ଏହାର ନିରାକରଣ ପାଇଁ କାର୍ଯ୍ୟ କରୁଥିବାରୁ ସମ୍ବର୍ଦ୍ଧିତ ହୋଇଥିଲେ। ୩୧ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଜାତୀୟ ଗୁଣବତ୍ତାମାନ ପାଇଁ ପୁରସ୍କୃତ କରାଯାଇଥିଲା। ୬ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱଚ୍ଛତାର ଭଲ ପ୍ରଦର୍ଶନ ପାଇଁ କାୟାକଳ୍ପ ପୁରସ୍କୃତ କରାଯାଇଛି। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

## ବିଧାନସଭା ଆଗରେ ଧାରଣା ଚେତାବନୀ



ଓଡ଼ିଶା ଜୀବିକା ମିଶନର ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ ଶୋଭାଯାତ୍ରା।

**ଅନୁଗୋଳ,୧୦।୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାର ମିଶନ ଶକ୍ତି ଅଧୀନ ଓଡ଼ିଶା ଜୀବିକା ମିଶନର ପଞ୍ଚାୟତସ୍ତରୀୟ ମହାସଂଘ (ଜିପିଏଲ୍ଏଫ୍)ରେ ଇସି ସଦସ୍ୟାଙ୍କ ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର ଓ ଅନ୍ୟାନ୍ୟ ସମାସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ସୋମବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ମିଶନ ଶକ୍ତି ଇସି ସଂଘ ପକ୍ଷରୁ ଭାରତୀୟ ମଜଦୁର ସଂଘ ରାଜ୍ୟ ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆ, ଇସି ସଂଘ ସଭାନେତ୍ରୀ ପ୍ରତିମା ମିଶ୍ର ଓ ସମ୍ପାଦିକା ନିରୁପମା ସିଂଙ୍କ ନେତୃତ୍ୱରେ ସହରସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲାର ୨୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଜିପିଏଲଏଫ ଓ ଇସିସ୍ତରରେ ରିଷ୍ଟ୍ରକ୍ଚରିଂ ପାଇଁ ନିର୍ଦ୍ଦେଶନାମା ଓ ନୂଆ ଗାଇଡ ଲାଇନକୁ ପ୍ରତ୍ୟାହାର କରାବା, ମିଶନ ଶକ୍ତି ଅଧୀନ ଓଡ଼ିଶା ଜୀବିକା ମିଶନର ପଞ୍ଚାୟତସ୍ତରୀୟ ମହାସଂଘ (ଜିପିଏଲ୍ଏଫ୍)ରେ ଇସି ଭାବେ କାର୍ଯ୍ୟରତ ମହିଳା ଇସି ସଦସ୍ୟାଙ୍କ କାର୍ଯ୍ୟକାଳର ସମୟ ସୀମା ବୃଦ୍ଧି କରାଯିବା, ମିଶନ ଶକ୍ତି ବିଭାଗର ସ୍କୁଟି ଋଣ ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ୪୮ଟି କିସ୍ତି ମଧ୍ୟରୁ ୧୨ଟି କିସ୍ତି ଦେୟ ହୋଇଥିବା ବେଳେ ବାକି କିସ୍ତିଗୁଡ଼ିକ ସମ୍ପର୍କରେ ସରକାର ବିଚାର କରିବା, ଇସି କର୍ମୀଙ୍କୁ ସାମାଜିକ ନିରାପତ୍ତା ଓ କାର୍ଯ୍ୟକାଳ ସମୟରେ ଦୁର୍ଘଟଣାଜନିତ ବୀମା ଯୋଜନା ପ୍ରଦାନ କରାଯିବା ଭଳି ଦାବି ଉପସ୍ଥାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆସନ୍ତା ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି ଜିପିଏଲଏଫର ପ୍ରତିମା ମିଶ୍ର, ସଫାଳି ବଳ, ଶ୍ରୀନିବାସ ଖୁଣ୍ଟିଆ ପ୍ରମୁଖ ଚେତାବନୀ ଦେଇଥିଲେ।

# ଅନୁଗୋଳ ଜିଲାର ୩ ପର୍ଯ୍ୟଟନସ୍ଥଳ ଚିହ୍ନଟ

**ଅନୁଗୋଳ,୧୦।୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲାର ଅନୁଗୋଳ, ବଣଁରପାଳ ଓ ଛେଣ୍ଡିପଦା ବ୍ଲକର ୩ଟି ସ୍ଥାନକୁ ପର୍ଯ୍ୟଟନସ୍ଥଳୀ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ରାଜ୍ୟରେ ୩୫୮ଟି ପର୍ଯ୍ୟଟନ ସ୍ଥଳ ରହିଥିବା ବେଳେ ୨୦ଟି ନୂତନ ପର୍ଯ୍ୟଟନ ସ୍ଥଳକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବଛାଯାଇଛି। ସେଥିମଧ୍ୟରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ରାମଚଣ୍ଡୀପୀଠ, ଅନୁଗୋଳ ବ୍ଲକର ମନ୍ଦରଗିରି ଓ ବଣଁରପାଳ ବ୍ଲକର ନାରାୟଣ ସେବାଶ୍ରମକୁ ଚିହ୍ନଟ କରାଯାଇଛି। ଏହି ନୂତନ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଶଳା ରାମଚଣ୍ଡୀ ପୀଠର ବିକାଶ ପାଇଁ ସରକାର ପଦକ୍ଷେପ ନେଇଥିବାରୁ ମା' ରାମଚଣ୍ଡୀ ଟ୍ରଷ୍ଟ ଓ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ


ଦୁର୍ଗା ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଛି।

**ବଇଣ୍ଡା, ୧୦।୨ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁରୁମଟାପ ଗ୍ରାମରେ ନିର୍ମାଣ ହୋଇଥିବା ଦୁର୍ଗା ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳବାସୀ କଳସ ଶୋଭାଯାତ୍ରାରେ ପବିତ୍ର ଜଳ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ଗ୍ରାମରୁ ନାମ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। କମିଟିର ପ୍ରମୋଦ କୁମାର ସାହୁ, ମନୋଜ କୁମାର ପାତ୍ର, ଦିଲେଶ୍ୱର ସାହୁ, ପ୍ରବୀଣ ସାହୁ, ଭଗବାନ ସାହୁ, ବିଜୟ ବେହେରା, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜନଶୁଣାଣି ଶିବିରରେ ୨୨ ଅଭିଯୋଗ


ଜନଶୁଣାଣି ଶିବିରରେ ଅଧିକାରୀମାନେ।

**ବଣଁରପାଳ,୧୦।୨(ସୁବାସ ସାହୁ)**

ଅନୁଗୋଳ ଜିଲା ବଣଁରପାଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସମୁଦାୟ ୨୨ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ଅନୁଗୋଳ ଦେବଦତ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧୀକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଅନୁଗୋଳ, ଅତିରିକ୍ତ ଜିଲାପାଳ ଉଦୟ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ବଣଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ବଣଁରପାଳ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧୀକାରୀମାନେ ଯୋଗ ଦେଇଥିଲେ।

# ଖମାରରେ ନିପୁଣ ଓଡ଼ିଶା ମେଳା


ନିପୁଣ ଓଡ଼ିଶା ମେଳା ଅବସରରେ ମଞ୍ଚାସୀନ ଅତିଥିମାନେ।

**ଖମାର,୧୦।୨(ରଜନୀକାନ୍ତ ମହାରଣା)**

ପାଲଲହଡ଼ା ଉପଖଣ୍ଡ ଖମାର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖମାରରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଧନେଶ୍ୱର ପ୍ରଧାନ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ, ଅଭିଭାବକଙ୍କ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଗାଣିତିକ ଓ ସାହିତ୍ୟିକ ପ୍ରକଳ୍ପମାନ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିସହିତ ସମ୍ମାନିତ ଅତିଥି ଭାବେ ଖମାର ପଞ୍ଚାୟତର ସରପଞ୍ଚ ଚକାଡୋଳା ନାଏକ, ପୂର୍ବତନ ଜିଲା ପରିଷଦ ପ୍ରସନ୍ନ କୁମାର ସାହୁ, ରଜନୀକାନ୍ତ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ସନ୍ନିଛକ,୧୦।୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଣଁରପାଳ ବ୍ଲକ ବୁଢ଼ାପଙ୍କ ବଡ଼ପାଟଣା ସାହିରେ ୭୮ତମ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଢାପଙ୍କ ଓ ଗଡପାଟଣା ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ଅଷ୍ଟପ୍ରହରୀରେ ୧୭ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପ୍ରଭୁ ନିତାଇ ଗୌରଙ୍କ ପୂଜା ଆରାଧନା କରାଯାଇଥିଲା। ଶୁକ୍ରବାର ଯଜ୍ଞର ଅଧିବାସ ପୂର୍ବରୁ ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ଶନିବାର ଖୁଲୁଆ, ବୁଢ଼ାପଙ୍କ, ଦାସନାଳୀ, ଭଗାମୁଣ୍ଡା, କମଲାଙ୍ଗ, ଲିଙ୍ଗରାକଟା, ବୃନ୍ଦାବନପୁର ଆଦି ଅଞ୍ଚଳରୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ରବିବାର ନଗର କୀର୍ତ୍ତନ ପରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ୩ ଦିନ ଧରି ଗ୍ରାମବାସୀ ଏକାଠି ପ୍ରସାଦ ସେବନ କରି ଭାଇଚାରା ଏବଂ ସନାତନ ଧର୍ମର ଏକତା ସୂତ୍ରରେ ବନ୍ଧା ହେବାର ଉଦାହରଣ ଦେଇଥିଲେ। ପ୍ରାୟ ୧୦୦୦ରୁ ଅଧିକ ଲୋକ ପ୍ରତିଦିନ ଏଠାରେ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସଭ୍ୟମାନେ ସଞ୍ଚାଳନ କରିଥିଲେ।


ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ପରିବେଷଣ କରାଯାଉଛି।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଗୁରୁତ୍ୱ


ଔଦ୍ୟୋଗିକ ନିରାପତ୍ତା ସେମିନାରରେ ମଞ୍ଚାସୀନ ଅତିଥିଗଣ।

**ଅନୁଗୋଳ,୧୦।୨(ମାନସ ବିଶ୍ୱାଳ)**

ଅନୁଗୋଳ ସ୍ୱାୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଭାଗ ପକ୍ଷରୁ ଔଦ୍ୟୋଗିକ ନିରାପତ୍ତା ସମ୍ପର୍କିତ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇଓଏସି ସଂଯୋଜକ ଏସ.ସି. ରାଜହଂସ ଶିଳ୍ପ ନିରାପତ୍ତା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ନୀଳାଞ୍ଚଳ ପଟେଲ ଯୋଗଦେଇ ବିଜ୍ଞାନଗାରରେ ପରୀକ୍ଷଣ ସମୟରେ କି କି ସତର୍କତା ଅବଲମ୍ବନ କରିବେ ତାହା ବର୍ଣ୍ଣନା କରିଥିଲେ। ଏନ୍‌ଟିପିସି ପାଟଣାର ବରିଷ୍ଠ ମହାପ୍ରବନ୍ଧକ ଡ. ମନୋଜ ପ୍ରଧାନ ଶିଳ୍ପ ନିରାପତ୍ତା ଠିକ୍ ଭାବେ ପରିଚାଳନା ନ କଲେ କିଭଳି ବିପଦର ସମ୍ମୁଖୀନ ହେବାକୁ ପଡ଼େ ତାହା ବର୍ଣ୍ଣନା କରିବା ସହ ସୁରକ୍ଷିତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଡ. ପଞ୍ଚା ପାଣି, ଡ. ସ୍ମିତା ତପସ୍ୱିନୀ, ଡ. ସୁଶାନ୍ତି ସାହୁ, ଡ. ବିଜୟିନୀ ମହାପାତ୍ର, ବି.ପି. ତରାଇ, ସତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏମ୍‌ଏସ୍ ଏକାଡେମୀ ତରଫରୁ କଲର ବେଲ୍ଟ ପରୀକ୍ଷା



ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରମାନେ।

**ଡେରଙ୍ଗ,୧୦।୨/ ପବିତ୍ରନଗର (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଓଡ଼ିଶା ଆମେଚର ଟାଏକୋଣ୍ଡୋ ଏସ୍‌ଏମ୍‌ଏସ୍ ଏକାଡେମୀ ତରଫରୁ ଏନଟିପିସି କଣିହାଁସ୍ଥିତ ରଙ୍ଗବେଡ଼ା ଶିବ ପାର୍ବତୀ ପାର୍କ ଠାରେ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନିଲ କୁମାର ରାଉଳ, ଶ୍ରୀଦେବୀ ପ୍ରଧାନ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ମୋଟ ୪୩ ଜଣ ପରୀକ୍ଷାର୍ଥୀ ଯୋଗଦେଇଥିଲେ। ଏକାଡେମି ତରଫରୁ ମାଷ୍ଟର ସୁଧାଂଶୁ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ। ରାକେଶ କୁମାର ନାଏକ ସହଯୋଗ କରିଥଲେ। ମୁଖ୍ୟ ଅତିଥି ଭାବେ ଏସ୍‌ଏମ୍‌ଏସ୍ ଏକାଡେମୀର ପ୍ରତିଷ୍ଠାତା ମାନଗୋବିନ୍ଦ ରାଉଳ, ରଞ୍ଜନ ମିଶ୍ର ଏବଂ ସାମାଜିକ କର୍ମୀ ମାନସ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଏବଂ ବେଲ୍ଟ ପ୍ରଦାନ କରିଥିଲେ।

# ସୁସ୍ଥ ସମାଜ ଗଠନରେ କ୍ରୀଡ଼ା ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବନ୍ତଳା,୧୦।୨(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ହମାମିରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସ୍ତରରେ ୧୯ଟି ସ୍ୱର୍ଣ୍ଣପଦକ ବିଜୟୀ ତଥା ଅନୁଗୋଳ ଗୌରବ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ଦିଗରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶୁତୋଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରୁ ଦୂରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗଡ଼ତରାସ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଗଡ଼ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିହାର ରଞ୍ଜନ ଦ୍ୱିବେଦୀ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଲିପିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ବିକାଶ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଅମାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜାତୀୟ କୃମି ନାଶକ ଦିବସ ପାଳିତ


ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଅତିଥିଙ୍କ ଦ୍ୱାରା ଔଷଧ ସେବନ କରାଯାଉଛି।

**ଅନୁଗୋଳ,୧୦।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଞ୍ଚାଳନ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧ରୁ ୧୯ ବର୍ଷର ପିଲାମାନେ ବିଦ୍ୟାଳୟ ଏବଂ ଅଙ୍ଗନୱାଡି ମାଧ୍ୟମରେ କୃମିନାଶକ ଶିରପ ଓ ବଟିକା ଖାଇବା ପାଇଁ ଜଣାଇଥିଲେ। ସେହିପରି ଅଣ ପଞ୍ଜୀକୃତ, ବିଦ୍ୟାଳୟ ଯାଉ ନ ଥିବା ପିଲାମାନେ ଅଙ୍ଗନୱାଡିରେ ଏହି ଔଷଧ ଖାଇପାରିବେ ବୋଲି କହିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର କୃମି ନାଶକ ଔଷଧ ଉଭୟ ଶିଶୁ ଓ କିଶୋରଙ୍କ ପାଇଁ ନିରାପଦ। କୃମି ନାଶକ ଔଷଧ ସହ କୃମି ସଂକ୍ରମଣ ରୋକିବା ପାଇଁ ଅନ୍ୟ ଅଭ୍ୟାସ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ସୂର୍ଯ୍ୟ ପ୍ରତାପ ମାନସିଂ ଉପସ୍ଥିତ ରହି ଜାତୀୟ କୃମି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପାରାମେଡିକାଲ ଷ୍ଟାଫ୍, ଆଶା, ସ୍ୱାସ୍ଥ୍ୟକର୍ମୀ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ଶିକାରୀ କାବୁ, ମୃତ ହରିଣ ଜବତ

**ବନ୍ତଳା,୧୦।୨(ସୁଶିତ ସାହୁ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ବନାଞ୍ଚଳରେ ସୋମବାର ମଧ୍ୟାହ୍ନରେ ଜଣେ ଶିକାରୀଙ୍କୁ କାବୁ କରାଯାଇଛି। ଏଥିସହ ମୃତହରିଣକୁ ବନ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ଶିକାରୀ କୁକୁର ସହାୟତାରେ ଟିକରପଡ଼ା ବନାଞ୍ଚଳ ଅନ୍ତର୍ଗତ କଇଁଆ ବାଙ୍କଠାରେ ଟିକରପଡ଼ା ପଞ୍ଚାୟତର ଜଣେ ବ୍ୟକ୍ତି ଏକ ହରିଣ ଶିକାର କରି ନେଇ ଯାଉଥିଲେ। ଘଟଣା ୨ଜଣ ପର୍ଯ୍ୟଟକଙ୍କ ନଜରକୁ ଆସିବାରୁ ସେମାନେ ଫଟୋ ଉଠାଇ ପୁରୁଣାକୋଟ ବନପାଳ ରଞ୍ଜନ ସାହୁଙ୍କୁ ଖବର ଦେଇଥିଲେ। ଖବରପାଇ ବନପାଳ କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତହରିଣ ଜବତ କରିବା ସହ ଶିକାରୀଙ୍କୁ କାବୁ କରିଥିଲେ। ଖବର ଦେଇଥିବା ପର୍ଯ୍ୟଟକଙ୍କ ସଂପର୍କରେ ବନ ବିଭାଗ ପାଖରେ କୌଣସି ସୂଚନା ନ ଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇପାରି ନାହିଁ ବୋଲି ବନପାଳ ସାହୁ ପ୍ରକାଶ କରିଛନ୍ତି।

# ସଂଗ୍ରାମୀ ପବିତ୍ରମୋହନଙ୍କ ଜୟନ୍ତୀ ପାଳିତ


କୋଶଳା ଗ୍ରାମଠାରେ ପବିତ୍ରମୋହନଙ୍କ ଜୟନ୍ତୀ ପାଳନ କରାଯାଉଛି।

**ଛେଣ୍ଡିପଦା,୧୦।୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମ ଠାରେ ଅନୁଗୋଳ ଉତ୍କଳ ସମ୍ମିଳନୀ ଓ କୋଶଳା ମାନସସ୍ମୃତି ପାଠାଗାର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅନୁଗୋଳ ଉତ୍କଳ ସମ୍ମିଳନୀର ଉପସଭାପତି ବିଶ୍ୱରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ୧୯୩୮ ସେପ୍ଟେମ୍ବର ୬ରେ କୋଶଳା ଗ୍ରାମର ମା ରାମଚଣ୍ଡୀ ଠାକୁରାଣୀଙ୍କ ପୀଠସ୍ଥଳରେ ପବିତ୍ର ମୋହନଙ୍କ ସଭାପତିତ୍ୱରେ ଗଠିତ ପ୍ରଜାମେଳି ଆନ୍ଦୋଳନ ସ୍ମୃତିକୁ ବଞ୍ଚାଇ ରଖିବାକୁ କୋଶଳାରେ ଏହି ଜୟନ୍ତୀ ପାଳିତ ହେଉଛି । କାର୍ଯ୍ୟକ୍ରମରେ ବହୁ ଯୁବଗୋଷ୍ଠୀ ଓ ଜନସାଧାରଣ ଯୋଗଦେଇଥିଲେ। ସଞ୍ଜୟ କୁମାର ସାହୁ ଓ ବିମଳ କୁମାର ରାଉଳଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନରହରି ପ୍ରଧାନ, ବ୍ରଜବନ୍ଧୁ ରାଉଳ, ଗିରିଶ ଚନ୍ଦ୍ର ପ୍ରଧାନ, ଅବଧୁତ ପ୍ରଧାନ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ଜିତେନ୍ଦ୍ର ପ୍ରଧାନ ଓ ଦିଲୀପ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଅଭିଶେଖ ବେହେରା, ଭାସ୍କର ସାହୁ, ଶଶିଭୂଷଣ ନାଥ ପ୍ରମୁଖ ଉପସ୍ଥିତଥିଲେ।

# କୂଅରେ ପଡ଼ି ମହିଳା ମୃତ

**ସାତମାଇଲ,୧୦।୨(ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡରେ ଜଣେ ମହିଳାଙ୍କ କୂଅରେ ପଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ରାସୋଳ ଥାନା ଅନ୍ତର୍ଗତ ଚିତ୍ତଲପୁର ଗ୍ରାମର ପ୍ରସନ୍ନ ପତିଙ୍କ ସ୍ତ୍ରୀ ସଂଯୁକ୍ତା ପତି(୬୨)। ସଂଯୁକ୍ତା ଘର ନିକଟରେ ଥିବା କୂଅକୁ ଠାକୁର ପୂଜା ପାଇଁ ପାଣି ଆଣିବାକୁ ଯାଇଥିଲେ। ହେଲେ ଗୋଡ଼ ଖସିଯିବାରୁ ଭାରସାମ୍ୟ ହରାଇ କୂଅ ଭିତରେ ଖସି ପଡ଼ି ବୁଡି ଯାଇଥିଲେ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ତୁରନ୍ତ ସଂଯୁକ୍ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାସୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# 'ପବିତ୍ର ପ୍ରଧାନଙ୍କ ଆଦର୍ଶ ତାଳଚେର ପାଇଁ ଗର୍ବ ଓ ଗୌରବ'

**ତାଳଚେର,୧୦।୨ (ମନୋଜ ନନ୍ଦ)**

ତାଳଚେରସ୍ଥିତ ପବିତ୍ରମୋହନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିଠାରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପିଏମ୍ଆଇଟିର ଦିଗବିଜୟ ମିଶ୍ର ଅତିଥି ପରିଚୟ, ଅଧ୍ୟାପିକା ସପନିତା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଓଡ଼ିଆ ଫିଲ୍ମ ଜଗତର ବରିଷ୍ଠ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଏବଂ ଦେଶ ମାତୃକା ପାଇଁ ବଳିଦାନ ସମ୍ପର୍କରେ ଆଲୋକପାତ କରିବା ସହ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ତାଳଚେର ମାଟି ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଟାଟା ଷ୍ଟିଲ ମୁଖ୍ୟ ସାମାଜିକ ଅଧିକାରୀ ମୋହିତ ଦାସ ଇଞ୍ଜିନିୟରିଂ ଛାତ୍ରୀଛାତ୍ରମାନେ ନିଜକୁ କୁଶଳୀ ଭାବେ ପ୍ରତିପାଦନ କରି ଦେଶର ଉନ୍ନତି ଏବଂ ପ୍ରଗତି କ୍ଷେତ୍ରରେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଟି. ପ୍ରଧାନ ଶିକ୍ଷାର ସାମଗ୍ରିକ ବିକାଶ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଅଭିଭାବକମାନେ ଅଧିକ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। ପରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ରାଜେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଏକାଡେମିକ ଡାଇରେକ୍ଟର ଇଞ୍ଜିନିୟର ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରଶାସନିକ ଅଧିକାରୀ, ଅଧ୍ୟକ୍ଷ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

